# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 6 March - 2026

**********************************

## ମୁଖ୍ୟ ସମ୍ବାଦ

- ସମବାୟ ସଂସ୍ଥା ମାଧ୍ୟମରେ ଓଡ଼ିଶାର କୃଷକ, ଗ୍ରାମୀଣ ଜନଜୀବନ, ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଯିବ

— ପାରାଦ୍ୱୀପରେ ଇଫ୍‌କୋ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟକୁ ଉଦ୍‌ଘାଟନ କରି କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ

— ଭୁବନେଶ୍ୱରରେ ରାଜ୍ୟର ପ୍ରଥମ କେନ୍ଦ୍ରୀୟ ଫୋରେନସିକ ବିଜ୍ଞାନ ପରୀକ୍ଷାଗାରାର କଲେ ଭିତ୍ତିପ୍ରସ୍ତର ସ୍ଥାପନ

- ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ପାଇଁ ନାମାଙ୍କନପତ୍ର ଯାଞ୍ଚ ଶେଷ; ଆସନ୍ତା ୧୬ ତାରିଖରେ ହେବ ନିର୍ବାଚନ

- ପ୍ରକାଶ ପାଇଲା ୟୁପିଏସ୍‌ସି-୨୦୨୫ ପରୀକ୍ଷା ଫଳ; ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କଲେ ଅନୁଜ ଅଗ୍ନିହୋତ୍ରୀ

ଏବଂ

- ୯୦ ପ୍ରତିଶତ ମତଦାତାଙ୍କ ଚିହ୍ନଟ ପ୍ରକ୍ରିୟା ଶେଷ; କହିଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ

# ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଆଜି ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି ଅବସରରେ ଶ୍ରୀ ଶାହ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଅପରାହ୍ଣରେ ପାରାଦ୍ୱୀପରେ ଇଫ୍‌କୋ ସଲ୍‌ଫ୍ୟୁରିକ୍ ଏସିଡ ପ୍ଲାଣ୍ଟକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଶ୍ରୀ ଶାହ କହିଛନ୍ତି, ଓଡ଼ିଶାରେ ଭରପୂର ଖଣିଜ ପଦାର୍ଥ ଗଚ୍ଛିତ ରହିଛି। ରାଜ୍ୟର ସମସ୍ତ ସମ୍ଭାବନାକୁ ଉପଯୋଗ କରାଯାଇ ଜନଜାତି ଓ ପଛୁଆବର୍ଗଙ୍କ ଉନ୍ନତି ସାଧନ କରାଯିବ। ସାର ଉତ୍ପାଦନ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭର କରିବା ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ନୂତନ ପ୍ଲାଣ୍ଟ ଦ୍ୱାରା ଦୈନିକ ପ୍ରାୟ ୨୦୦ ଟନ୍ ସଲଫ୍ୟୁରିଖ ଏସିଡ୍ ଉତ୍ପାଦନ ହେବ। ଯାହାଦ୍ୱାରା ଦେଶର ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇବ। ପ୍ରାୟ ୭୫୦ କୋଟି ଟଙ୍କାର ଏହି ବିଶାଳ ପୁଞ୍ଜିନିବେଶ ଓଡ଼ିଶା ଶିଳ୍ପ କ୍ଷେତ୍ରକୁ ଏକ ନୂତନ ଶକ୍ତି ପ୍ରଦାନ କରିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି।

ଇଫ୍‌କୋ ନାନୋ ୟୁରିଆ, ଡିଏପି ମାଧ୍ୟମରେ ରାସାୟନିକ ସାରର ବ୍ୟବହାରକୁ ବହୁ ମାତ୍ରାରେ ହ୍ରାସ କରାଯାଇଛି। ଏହି କ୍ଷେତ୍ରରେ ଇଫ୍‌କୋ ବିଶ୍ୱର ସର୍ବବୃହତ୍ ସମବାୟ ସଂସ୍ଥା ଭାବେ ଉଭା ହୋଇଛି। ଏହାର ୩୬ ହଜାର ସମବାୟ ୟୁନିଟ୍ ରହିଛି। ଯେଉଁଥିରେ ୫କୋଟି କୃଷକ ସଦସ୍ୟ ରହିବା ସହିତ ଲାଭାନ୍ୱିତ ହେଉଛନ୍ତି।

ସମବାୟ ସଂସ୍ଥା ମାଧ୍ୟମରେ ଆଗାମୀ ଦିନରେ ଓଡ଼ିଶାର କୃଷକ, ଗ୍ରାମୀଣ ଜନଜୀବନ, ମହିଳା ଓ ଯୁବତୀଙ୍କୁ ଆତ୍ମନିର୍ଭରଶୀ କରିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟ କରିବେ ବୋଲି ଶ୍ରୀ ଶାହ କହିଛନ୍ତି।

## - V/O -

ଗୁଜରାଟ ଭଳି ଓଡ଼ିଶାରେ ମଧ୍ୟ ବିକାଶ ଶିଖର ଛୁଇଁବ। ଯାହାଦ୍ୱାରା ରାଜ୍ୟର ଗ୍ରାମୀଣ ଜନତାଙ୍କ ଜୀବନଯାପନ ପ୍ରଣାଳୀରେ ଉନ୍ନତି ଆସିବ। ବିକଶିତ ରାଜ୍ୟର ତାଲିକାରେ ଆଗାମୀ ଦିନରେ ଓଡ଼ିଶା ସ୍ଥାନ ପାଇବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ପାରାଦ୍ୱୀପ ବର୍ତ୍ତମାନ ଶିଳ୍ପ ଓ ନିବେଶର ପ୍ରମୁଖ କେନ୍ଦ୍ର ପାଲଟିଛି। କେନ୍ଦ୍ର ସରକାରଙ୍କ ସହଯୋଗରେ ଭୁବନେଶ୍ୱର-କଟକ-ପାରାଦ୍ୱୀପ-ପୁରୀକୁ ନେଇ ଏକ ବିଶାଳ ଅର୍ଥନୈତିକ ଅଞ୍ଚଳ ଗଠନ କରାଯାଉଛି। ଆଗାମୀ ଦିନରେ ଏହି ଅଂଚଳ ଏକ ଅର୍ଥନୈତିକ ହବ୍‌ରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି।

ଏଥିରେ ରାଜ୍ୟ ସମବାୟ ନୀତିର ପ୍ରକାଶନ, ନୂତନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍‌ଘାଟନ, ୨୦ଟି ସାଇବର ଥାନା, ରାଜ୍ୟର ପ୍ରଥମ କେନ୍ଦ୍ରୀୟ ଫୋରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାର ଆଦି ରହିଛି । ଏହା ସହ ବିଭିନ୍ନ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡିଛି।

ସନ୍ଧ୍ୟାରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଶ୍ରୀ ଶାହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ ବୋଲି ରାଜ୍ୟ ବିଜେପି କାର୍ଯ୍ୟାଳୟ ପକ୍ଷରୁ ସୂଚନା

ଦିଆଯାଇଛି। ବୈଠକରେ ରାଜ୍ୟସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର ଉପସ୍ଥିତ ରହିବେ। ବୈଠକରେ ରାଜ୍ୟସଭା ନିର୍ବାଚନ ଏବଂ ରାଜ୍ୟ ସଂଗଠନ ବାବଦରେ ଆଲୋଚନା ହୋଇପାରେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

କଟକ ମୁଣ୍ଡୁଳିଠାରେ ଆଜି ପୂର୍ବାହ୍ଣରେ ଔଦ୍ୟୋଗିକ ସୁରକ୍ଷା ବଳ–ସି.ଆଇ.ଏସ୍.ଏଫ୍'ର ୫୭ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ଶ୍ରୀ ଶାହ ୮୯୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହା ସହିତ ବିଭିନ୍ନ ବିଭାଗ ସହ ଜଡ଼ିତ ୧ ହଜାର ୧୫୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୬୯ଟି ପ୍ରକଳ୍ପର ଉଦ୍‌ଘାଟନ ସହ ୨ ହଜାର ୧୧୬ କୋଟି ଟଙ୍କାର ୧୩୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଦେଶକୁ ମାଓବାଦୀ ମୁକ୍ତ କରିବାରେ କେନ୍ଦ୍ରୀୟ ଔଦ୍ୟୋଗିକ ସୁରକ୍ଷା ବଳ–ସି.ଆଇ.ଏସ୍.ଏଫ୍'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ କହିଥିଲେ। ଚଳିତ ମାସ ସୁଦ୍ଧା ଦେଶକୁ ମାଓବାଦୀମୁକ୍ତ କରାଯିବ।

**- V/O -**

## ରାଜ୍ୟସଭା - ନାମାଙ୍କନ

୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ପାଇଁ ଆଜି ନାମାଙ୍କନପତ୍ର ଯାଞ୍ଚ ଶେଷ ହୋଇଛି । ତେବେ ୬ ଜଣଙ୍କ ମଧ୍ୟରୁ ୫ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାୟମ ରହିଛି। ଆସନ୍ତା ସୋମବାର ସୁଦ୍ଧା

ନାମାଙ୍କନପତ୍ର ପ୍ରତ୍ୟାହାର କରାଯାଇପାରିବ । ଗତକାଲି ବିଜେପି ପକ୍ଷରୁ ମନମୋହନ ସାମଲ, ସୁଜିତ୍ କୁମାର ଏବଂ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ନାମାଙ୍କନ ପତ୍ର ଦାଖଲ କରିଥିଲେ।

ବିଜେଡି ପକ୍ଷରୁ ଡକ୍ଟର ସଂତୃପ୍ତ ମିଶ୍ର ଏବଂ କଂଗ୍ରେସ ଓ ବିଜେଡ଼ି ସମର୍ଥନରେ ସାଧାରଣ ପ୍ରାର୍ଥୀ ଭାବେ ଡାକ୍ତର ଦଣ୍ଡେଶ୍ୱର ହୋତା ରାଜ୍ୟସଭା ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ଏକମାତ୍ର ପ୍ରାର୍ଥୀଭାବେ ତେଲଙ୍ଗାନାର କାନ୍ତେସାୟାନାଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

ଆସନ୍ତା ୧୬ ତାରିଖ ଦିନ ଏହି ଆସନଗୁଡ଼ିକ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସେଥିମଧ୍ୟରେ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ଅର୍ନ୍ତଭୁକ୍ତ।

## ୟୁପିଏସ୍‌ସି

ଭାରତୀୟ ପ୍ରଶାସନିକ ସେବା-ୟୁପିଏସ୍‌ସି ଚୂଡାନ୍ତ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ସର୍ବଭାରତୀୟ ସ୍ତରରେ ଅନୁଜ ଅଗ୍ନିହୋତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦ୍ୱିତୀୟରେ ରାଜେଶ୍ୱରୀ ସୁଭେ ଏମ୍., ତୃତୀୟରେ ଆକାଂଶ ଧୂଲ ଏବଂ ଚତୁର୍ଥରେ ରାଘବ ଝୁନ୍‌ଝୁନ୍‌ୱାଲା ରହିଛନ୍ତି। ୧୦୦ତମ ସ୍ଥାନରେ ଓଡ଼ିଶାର ସ୍ୱାତିକ୍ ସତ୍ୟକାମ ଦେବତା ଓ ଅମ୍ରିତ୍ ମହାପାତ୍ର ୧୨୧ତମ ସ୍ଥାନ ଅଧିକାର କରିଛନ୍ତି। ଚଳିତବର୍ଷ ମୋଟ ୯୫୮ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି।

ଗତବର୍ଷ ମେ’ ମାସ ୨୫ ତାରିଖରେ ୟୁପିଏସ୍‌ସି ପ୍ରିଲିମ୍‌ନାରୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପରୀକ୍ଷା ୨୨ ରୁ ୩୧ ଅଗଷ୍ଟ ପର୍ଯ୍ୟନ୍ତ ଚାଲିଥିଲା। ଗତମାସ ୨୭ ତାରିଖରେ ସାକ୍ଷାତକାର ପର୍ଯ୍ୟାୟ କରାଯାଇଥିଲା।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ୟୁପିଏସ୍‌ସି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ପ୍ରଶାସନିକ ସେବାକୁ କେବଳ ଏକ ପଦବୀ ନୁହେଁ ଜନସେବାର ବ୍ରତ ଭାବେ ଗ୍ରହଣ କରି ସମାଜର ଶେଷ ସ୍ତରରେ ଥିବା ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ବିନିଯୋଗ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଏସ୍‌ଆଇଆର

ରାଜ୍ୟରେ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆର ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଲନ୍‌ଙ୍କ ଅଧକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅପରାହ୍ଣରେ ଆୟୋଜିତ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଗୋପାଳନ୍ କହିଛନ୍ତି, ୯୦ ପ୍ରତିଶତ ମତଦାତାଙ୍କ ଚିହ୍ନଟ କାର୍ଯ୍ୟ ଶେଷ କରାଯାଇଛି। ୨୦୨୫ ଭୋଟର ତାଲିକାରେ ଥିବା ୯୦ ପ୍ରତିଶତ ଭୋଟର ୨୦୦୨ ତାଲିକାରେ ସାମିଲ ଅଛନ୍ତି। ଏ ସମ୍ପର୍କରେ ନିର୍ବାଚନମଣ୍ଡଳୀର ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଅବଗତ କରାଇବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

**- V/O –**

## କର୍ମଶାଳା

**ବୌଦ୍ଧ** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୂଚନା ଅଧିକାର ଆଇନ୍ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ସୂଚନା ଅଧାରିତ ଆଇନ ସମ୍ପର୍କିତ ନୂତନ ପୋର୍ଟାଲ, ଏହାର ବ୍ୟବହାର, ଅନ୍‌ଲାଇନ୍‌ରେ ସୂଚନା ପ୍ରଦାନ ଏବଂ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା।

## ବିକାଶ ସମିତି ବୈଠକ

ମାଲକାନଗିରି, କାଲିମେଲା ଓ ପଡିଆ ତିନୋଟି ବ୍ଲକ୍‌ରୁ ୩ଟି ଲେଖାଏଁ ଗାଁକୁ ଚୟନ କରି ଆଦର୍ଶ ଗ୍ରାମ ଭାବେ ରୂପାନ୍ତରିତ କରିବା ପାଇଁ **ମାଲକାନଗିରି** ବିଧାୟକ ନରସିଂହ ମାଡକାମୀ ଆଜି ଘୋଷଣା କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଧାୟକ ନିର୍ବାଚନମଣ୍ଡଳୀ ବିକାଶ ସମିତି ବୈଠକରେ ଯୋଗଦେଇ ଶ୍ରୀ ମାଡକାମୀ ସମସ୍ତ ବିଭାଗର ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ଓ ସମୀକ୍ଷା କରିବା ସହିତ ନିର୍ଦ୍ଦିଷ୍ଟ ସମୟରେ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ପ୍ରସିଦ୍ଧ ମଲ୍ଲିକେଶ୍ୱରୀ ଓ ଭୈରବୀ ମନ୍ଦିର କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି।

## ପିଏମ୍‌ଶ୍ରୀ ଉତ୍ସବ

**କେନ୍ଦ୍ରାପଡା** ଉଚ୍ଚ ବିଦ୍ୟାଳୟ ପଡିଆରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ୨୦୨୬କୁ ଜିଲ୍ଲାପାଳ ରଘୁରାମ ଆର. ଆୟାର ଉଦ୍‌ଘାଟନ କରିଛନ୍ତି। ଛାତ୍ରଛାତ୍ରୀମାନେ ନିଜର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବା ସହିତ ଗୁଣାତ୍ମକ ଶିକ୍ଷାକୁ ଆଧାର କରି ନିଜ ବିଦ୍ୟାଳୟର ସୁନାମ ରଖିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଜିଲ୍ଲା

ଶିକ୍ଷାଅଧିକାରୀ ଜିଲ୍ଲାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କେନ୍ଦ୍ରାପଡା ଜିଲ୍ଲାରେ ମୋଟ୍ ୨୨ଟି ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଅନୁମୋଦିତ ହୋଇଥିବା ୧୧ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ ।

## ସଚେତନତା ଶିବିର

ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଆନୁକୂଲ୍ୟରେ ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଟିଆ ହେମ୍ବ୍ରମ୍ ବନାମ ଓଡ଼ିଶା ରାଜ୍ୟ ଏବଂ ବାଲ୍ୟବିବାହମୁକ୍ତ ଭାରତ ଅଭିଯାନ ସମ୍ବନ୍ଧରେ ଏକ ଆଇନ ସଚେତନତା ଶିବିର **ନୂଆପଡା** ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରାଧିକରଣର ସଚିବ ନବନିତା ଦାସ ବାଲ୍ୟବିବାହକୁ ପ୍ରତିହତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

## ମହିଳା ଦିବସ

ଅନ୍ତର୍ଜାତୀୟ ମହିଳା ଦିବସ ଆସନ୍ତା ରବିବାର ଦିନ ପାଳନ କରାଯିବ । ଏହାପୂର୍ବରୁ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

**ନୟାଗଡ଼** ଜିଲ୍ଲାର ଇଣ୍ଡୋର ଷ୍ଟାଡିୟମ୍‌ରେ ଆଜି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାପାଳ ମଧୁମିତା ରଥ ଯୋଗର ଉପକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକ୍, ସ୍ୱୟଂ ସହାୟକ ଗୋଷ୍ଠି ଏବଂ ୩୦୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ ।

ଅନ୍ତର୍ଜାତୀୟ ମହିଳା ଦିବସ **ଗଞ୍ଜାମ** ଜିଲ୍ଲାର ଛତ୍ରପୁରସ୍ଥିତ ଇଣ୍ଡୋର ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାରୀରିକ ସୁସ୍ଥତା, ପୋଷଣ ଏବଂ ସୁସ୍ଥ ମାନସିକତା ପାଇଁ ସାମୂହିକ ଯୋଗ ଅଧିବେଶନ, ଜୁମ୍ବା, ଏରୋବିକ୍ସ, ପାରମ୍ପରିକ ନୃତ୍ୟ, ଦେଶୀୟ ଖେଳ ଉପରେ ମହିଳାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

**କୋରାପୁଟ**ର ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ମଧ୍ୟ ଏହି ଦିବସ ଆୟୋଜିତ ହୋଇଯାଇଛି। ସୁସ୍ଥ ମାନସିକ ବିକାଶରେ ସାମୂହିକ ଯୋଗ ଅଧିବେଶନର ଭୂମିକା ଉପରେ ଗୁରୁତ୍ୱାରୋପ କରାଯିବା ସହିତ ଉପସ୍ଥିତ ମହିଳାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

**ଭଦ୍ରକ** ଜିଲ୍ଲାର ବାଗୁରାଇ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ରାଜ୍ୟ ସରକାରଙ୍କର କ୍ରୀଡା ଓ ଯୁବସେବା ବିଭାଗ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬ ପାଳିତ ହୋଇଛି। ଏହି ଅବସରରେ ମହିଳାମାନଙ୍କୁ ଆତ୍ମରକ୍ଷା କୌଶଳ, ସୁସ୍ଥ ମାନସିକତା ଏବଂ ଅନ୍ୟ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।

**ବରଗଡ଼, ଦେବଗଡ ଓ ଗଜପତି**ରେ ମଧ୍ୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି।